بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୧ ଜୁନ୍ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ୍ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ୍ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବିଗତ ଖୁତ୍‌ବାରେ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ଏବଂ ସୁଲହ୍ ହୁଦୈବିୟା ପ୍ରସଙ୍ଗରେ ଚର୍ଚ୍ଚା ଅବ୍ୟାହତ ରହିଥିଲା । ସୁଲହ୍ ହୁଦୈବିୟା ସଂପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସୁଲହ୍ ହୁଦୈବିୟାର ବିରୁଦ୍ଧାଚରଣ କରି ଯେତେବେଳେ ବନୁ ବକ୍କର୍ କୁରୈଶ୍‌ର ମିତ୍ର ସାଜିଥିଲେ । ମୁସଲମାନମାନଙ୍କର ମିତ୍ର ବନୁ ଖଜାଅ ସଂପ୍ରଦାୟ ଉପରେ ଆକ୍ରମଣ କରିଦେଲେ ଓ କୁରୈଶ୍‌ମାନେ ଅସ୍ତ୍ର ଏବଂ ଅନ୍ୟ ବାହନ ମାଧ୍ୟମରେ ବନୁ ବକ୍କର୍‌ର ସାହାଯ୍ୟ ମଧ୍ୟ କଲେ ଏବଂ ହୁଦୈବିୟାର ସର୍ତ୍ତକୁ ମଧ୍ୟ ଭୃକ୍ଷେପ କଲେ ନାହିଁ । ସେତେବେଳେ ଅବୁ ସୁଫିୟାନ୍ ମଦିନାକୁ ଆସିଲା ଏବଂ ସୁଲହ୍ ହୁଦୈବିୟାର ଚୁକ୍ତିର ପୁନଃସଂଶୋଧନ ଚାହିଁଲା । ଡ଼ାକ୍ତର ଅଲୀ ବିନ୍ ସଲାବି ଉଲ୍ଲେଖ କରନ୍ତି ଯେ, ରସୁଲ୍ କରୀମ୍ ସ.ଅଙ୍କ ଚଚା ହ. ଅବ୍‌ବାସ୍ ତା'କୁ ପରାମର୍ଶ ଦେଲେ ଯେ, ରସୁଲ୍ ସ.ଅଙ୍କ ଠାରୁ ସେମାନେ ସୁରକ୍ଷା ଭିକ୍ଷା କରି ନିଅନ୍ତୁ । ହ. ଅବ୍‌ବାସ୍ ଅବୁ ସୁଫିୟାନ୍‌ଙ୍କୁ ଧରି ହୁଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ହ. ଉମର୍ ର.ଅ ମଧ୍ୟ ହଜୁର ସ.ଅଙ୍କ ନିକଟରେ ଥିଲେ ସେ କହିଲେ: ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଆପଣ ଅନୁମତି ଦିଅନ୍ତୁ ମୁଁ ତା'ର ସ୍କନ୍ଧଚ୍ୟୁତ କରି ଦେଉଛି। ହ. ଅବବାସ୍ ର.ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ତା'କୁ ସୁରକ୍ଷା ଦେଇଅଛି । ଏହାପରେ ରସୁଲୁଲ୍ଲାଃ ସ.ଅ କହିଲେ ହେ ଅବ୍‌ବାସ୍ ! ଅବୁ ସୁଫିୟାନ୍‌କୁ ନିଜ ସହିତ ନେଇଯାଅ ଏବଂ ସକାଳେ ନେଇ ଆସିବ । ସେ ଯାହାହେଉ ନା କାହିଁକି ହ. ଉମର୍ ର.ଅ ଓ ଅବ୍‌ବାସଙ୍କ ମଧ୍ୟରେ ଏହି କଥୋପକଥନଟି ଜାରି ରହିଥିଲା । ଶାବାନ୍ ମାସ ୭ ହିଜ୍‌ରୀରେ ରସୁଲ୍ କରୀମ୍ ସ.ଅ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ଏକ ସରିୟାରେ (ଅର୍ଥାତ ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସ୍ୱୟଂ ସାମିଲ୍ ହୋଇ ନଥିଲେ) ୩୦ ଜଣ ବ୍ୟକ୍ତିଙ୍କ ସହିତ ତର୍ବା ନାମକ ସ୍ଥାନକୁ ହୱାଜିନ୍ ସଂପ୍ରଦାୟର ଏକ ଶାଖା ଆଡ଼କୁ ପ୍ରେରଣ କରିଥିଲେ ।

ଜୀବନୀର ପୁସ୍ତକରେ ଉଲ୍ଲେଖ ରହିଛି ଯେ, ସର୍ବପ୍ରଥମେ ଖୈବର୍ ଯୁଦ୍ଧ ସମୟରେ ହଜୁର୍ ସ.ଅ ଇସ୍‌ଲାମ୍‌ର ବାନା ଉଡ଼ିବାର ଚର୍ଚ୍ଚା ମିଳୁଅଛି । ଏହାପୂର୍ବରୁ କେବଳ ଛୋଟ ଛୋଟ ବାନା ରହିଥିଲା । ଆଁହଜରତ ସ.ଅଙ୍କ ବାନା କଳା ରଙ୍ଗର ଥିଲା ଏବଂ ଏହା ହ. ଆଏଶା ର.ଅଙ୍କ ଚାଦରରେ ପ୍ରସ୍ତୁତ ହୋଇଥିଲା, ଉକ୍ତ ବାନାର ନାମ ଉକାବ୍ ଥିଲା । ଯେତେବେଳେ ଆଁହଜରତ ସ.ଅ ଖୈବର୍ ଠାରେ ବିରାଜମାନ ହେଲେ ସେତେବେଳେ ଆପଣ ସ.ଅଙ୍କୁ ଶକିକା ବ୍ୟଥା (ଅର୍ଦ୍ଧ ମସ୍ତିଷ୍କ ଯନ୍ତ୍ରଣା) ଆରମ୍ଭ ହୋଇଗଲା । ଯଦ୍ୱାରା ଆପଣ ସ.ଅ ବାହାରକୁ ବାହାରି ପାରିଲେ ନାହିଁ । ଯେଉଁଥି ପାଇଁ ହଜୁର୍ ସ.ଅ ପ୍ରଥମେ ହ. ଅବୁ ବକ୍କର୍ ର.ଅଙ୍କୁ ଇସ୍‌ଲାମ୍‌ର ବାନା ପ୍ରଦାନ କଲେ ଓ ତା'ପରେ ହ. ଉମର୍ ଏବଂ ସେଥିଅନ୍ତେ ହ. ଅଲୀ ର.ଅଙ୍କୁ ହସ୍ତାନ୍ତର କରିଥିଲେ ଯାହାଙ୍କ ହସ୍ତରେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ବିଜୟ ପ୍ରଦାନ କରିଥିଲେ ।

ରସୁଲୁଲ୍ଲାଃ ସ.ଅ ଯୁଦ୍ଧ ପରେ ଖୈବର୍ ଉପରେ ବିଜୟ ପ୍ରାପ୍ତ କରିଥିଲେ ଏବଂ ଖୈବର୍‌ର ମାଲେ ଫୈ (ଯୁଦ୍ଧ ନହୋଇ ଯେଉଁ ଧନସମ୍ପତ୍ତି ଅଧିକୃତ ହୁଏ) ମଧ୍ୟରୁ ଅନ୍ୟତମ ଥିଲା ଯାହାକୁ ସର୍ବଶକ୍ତିମାନ ଅଲ୍ଲାଃତାଲା ରସୁଲ୍ କରୀମ୍ ସ.ଅଙ୍କୁ ପ୍ରଦାନ କରିଥିଲେ । ଏହାର ପଞ୍ଚମାଂଶ ରସୁଲୁଲ୍ଲାଃ ସ.ଅଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏହାକୁ ଆଁହଜରତ ସ.ଅ ମୁସଲମାନମାନଙ୍କ ମଧ୍ୟରେ ବାଣ୍ଟିଥିଲେ । ଇହୁଦୀମାନଙ୍କ ମଧ୍ୟରୁ ଯେଉଁ ଲୋକମାନେ ଯୁଦ୍ଧ ପରେ ନିର୍ବାସନ ହେବା ପାଇଁ ପ୍ରସ୍ତୁତ ହୋଇ ନିଜର ଦୁର୍ଗ ମଧ୍ୟରୁ ତଳକୁ ଓହ୍ଲାଇଲେ, ରସୁଲ୍ କରୀମ୍ ସ.ଅ ସେମାନଙ୍କୁ ଏହି ସର୍ତ୍ତରେ ସେମାନଙ୍କ ଧନ ସମ୍ପତ୍ତି ଫେରସ୍ତ

କରିଦେଇଥିଲେ ଯେ, ତୁମେ ଉକ୍ତ ଉଦ୍ୟାନରେ କାମ କରିବ ଏବଂ ଉକ୍ତ ଉଦ୍ୟାନର ଫଳ ଆମମାନଙ୍କ ମଧ୍ୟରେ ଓ ତୁମମାନଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ ହେବ । ହ. ଅବୁ ବକ୍କର୍ ର.ଅ ମଧ୍ୟ ରସୁଲ୍ କରୀମ୍ ସ.ଅଙ୍କ ପରେ ଏହିପରି ଇହୁଦୀମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିଥିଲେ ଅର୍ଥାତ ନ୍ୟାୟ ପ୍ରଦର୍ଶନ କରିଥିଲେ ଯେଉଁଭଳି ନ୍ୟାୟ ଆଁହଜରତ ସ.ଅ ଇହୁଦୀମାନଙ୍କ ସହିତ ପ୍ରଦର୍ଶନ କରିଥିଲେ । ହ. ଉମର୍ ର.ଅ ମଧ୍ୟ ନିଜ ଖିଲାଫତ୍ ଶାସନର ପ୍ରାଥମିକ ପର୍ଯ୍ୟାୟରେ ଇହୁଦୀମାନଙ୍କ ପ୍ରତି ଏହି ନ୍ୟାୟ ପ୍ରଦର୍ଶନ କରିଥିଲେ । ପୁନଶ୍ଚ ହ. ଉମର୍ ର.ଅଙ୍କୁ ଆଁହଜରତ ସ.ଅ ନିଜ ଅନ୍ତିମ ରୋଗଶଯ୍ୟାରେ ଏହି କଥା କହିଥିଲେ ଯେ, ଆରବ ଦ୍ୱୀପରେ ଦୁଇଟି ଧର୍ମ କେବେହେଲେ ଏକତ୍ରିତ ରହିବେ ନାହିଁ। ଯେଉଁ ବ୍ୟକ୍ତି ନିକଟରେ କୌଣସି ଚୁକ୍ତି କିମ୍ବା ଶପଥ ନାହିଁ ସେ ନିର୍ବାସନ ପାଇଁ ପ୍ରସ୍ତୁତି ଆରମ୍ଭ କରୁ ।

ହ. ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଯେତେବେଳେ ହୁନୈନ୍ ଯୁଦ୍ଧରୁ ଫେରିଲୁ ଆଁହଜରତ ସ.ଅ ସେତେବେଳେ ଏତେକାଫ୍‌ରେ ବସିଥିଲେ । ଅତଏବ ନବୀ କରୀମ୍ ସ.ଅଙ୍କୁ ମାନସିକ ସଂପର୍କରେ ପଚାରିଲୁ । ଯେଉଁ ମାନସିକକୁ ସେ ଅଜ୍ଞାନ ବଶତଃ କରିଥିଲେ ଅର୍ଥାତ ଏବଂ ଇସ୍‌ଲାମୀୟ ଶିକ୍ଷା ପରିସର ମଧ୍ୟରେ ରହି ଯାହା କିଛି ସର୍ତ୍ତ ହୋଇପାରି ଥାଆନ୍ତା ତାହାକୁ ପୂରଣ କରିବା ଆବଶ୍ୟକ ଅଟେ । ତବୁକ୍ ଯୁଦ୍ଧ ଅବସରରେ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ପକ୍ଷରୁ ଚାନ୍ଦା ପାଇଁ ଏକ ବିଶେଷ ଆହ୍ୱାନ ଦିଆଗଲା, ତତ୍‌ସଂକ୍ରାନ୍ତରେ ହ. ଉମର୍ ର.ଅ ନିଜର ଏକ ଘଟଣା ବର୍ଣ୍ଣନା କରି କହନ୍ତି ଯେ, ମୋ ନିକଟରେ ଧନ ମଧ୍ୟ ଥିଲା ମୁଁ ମନରେ କହିଲି ଯେ, ଯଦି ମୁଁ କୌଣସି ଦିନ ହ. ଅବୁ ବକ୍କର୍ ର.ଅଙ୍କ ଠାରୁ ସବ୍‌କତ୍ (ଆଗେଇ ଯିବା) ନେଇ ଯାଇପାରେ ତେବେ ଆଜି ହିଁ ନେଇଯିବି । ଅତଏବ ମୁଁ ମୋର ଅର୍ଦ୍ଧ ସମ୍ପତ୍ତି ନେଇ ଆସିଲି । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି : ସେହି ଯୁଗ ଇସ୍‌ଲାମ୍ ପକ୍ଷରେ ଅତ୍ୟନ୍ତ ଦୁର୍ଦ୍ଦିନ ଏବଂ ବିପତ୍ତିର ଦିନ ଥିଲା । କିନ୍ତୁ ହ. ଅବୁ ବକ୍କର ର.ଅ ନିଜର ସମସ୍ତ ଧନକୁ ନେଇ ଆସିଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥାପିତ କରିଦେଲେ । ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍ ସଂପର୍କରେ କହନ୍ତି: ଏପରି କେତେକ ଲୋକ ଥାନ୍ତି ଯେଉଁମାନେ ବୈଅତ୍ ତ' କରି ନିଅନ୍ତି ଏବଂ ସ୍ୱୀକାରୋକ୍ତି ମଧ୍ୟ କରି ନିଅନ୍ତି ଯେ, ଆମେମାନେ ଧର୍ମ ଉପରେ ସାଂସାରିକତାକୁ ପ୍ରାଧାନ୍ୟ ଦେବୁ । କିନ୍ତୁ ସାହାଯ୍ୟ ଓ ସହାୟତା ସମୟରେ ସେମାନେ ନିଜର ପକେଟକୁ ଚାପି ନିଅନ୍ତି । ଅତଏବ ଭଲା କୌଣସି ଧାର୍ମିକ ତଥା ଧର୍ମପରାୟଣ ବ୍ୟକ୍ତି ଠାରୁ ଏଭଳି ସାଂସାରକି ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରାପ୍ତ କରିବାର ଆଶା କରାଯାଇ ପାରିବ କି ? କ'ଣ ଏଭଳି ବ୍ୟକ୍ତିମାନଙ୍କର ଅସ୍ତିତ୍ୱ ନବୀ (ଅବତାର)ଙ୍କ ପାଇଁ ଫଳପ୍ରଦ ହୋଇପାରିବ କି ? ନା କଦାପି ନୁହେଁ ।

ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ଅନ୍ତିମ ସମୟ ପାଖେଇ ଆସିଲା ନବୀ କରୀମ ସ.ଅ ଉପରେ ରୋଗ ଯେତେବେଳେ ଭୟଙ୍କର ଆକ୍ରମଣ କଲା ସେତେବେଳେ ଆପଣ ସ.ଅ କହିଲେ ମୋ ନିକଟରେ କୌଣସି ଲେଖିବାର ଜିନିଷ ଆଣ ! କାରଣ ମୁଁ ଏଭଳି ଓସିୟତ୍ ତୁମମାନଙ୍କ ପାଇଁ ଉଲ୍ଲେଖ କରିଦେବି, ଏହାପରେ ତୁମେମାନେ କେବେହେଲେ ଏହାକୁ ଭୁଲିବ ନାହିଁ କି ମାର୍ଗଭ୍ରଷ୍ଟ ହେବ ନାହିଁ । ହ. ସୟଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଉଲ୍ଲେଖ କରନ୍ତି : ଆଁହଜରତ ସ.ଅଙ୍କ ବିୟୋଗର କଳ୍ପନା ହ. ଉମର୍ ର.ଅ ମଧ୍ୟ କରି ନଥିଲେ **। ଇନ୍‌ଦନା କିତାବୁଲ୍ଲାହି ହସ୍‌ବୁନା ।** ଅର୍ଥାତ କେତେକ ଲୋକ ଯେଉଁମାନଙ୍କର ଆବେଗ ତଥା ସ୍ୱଭାବ ହ. ଉମର୍ ର.ଅଙ୍କ ପରି କୋମଳ ତଥା ବିନମ୍ର ଥିଲା ସେମାନେ କହିଲେ ଯେ, ଏଭଳି ସମୟରେ ଆଁହଜରତ ସ.ଅଙ୍କୁ କଷ୍ଟ ଦେବାଟା ଠିକ୍ ନୁହେଁ ଏବଂ ଆଉ କେତେକ ଲୋକେ କହିଲେ ଆଁହଜରତ ସ.ଅ ଯାହା କହିଲେ ତାହାଙ୍କ ଆଜ୍ଞା ପାଳନ କରିବା ଉଚିତ୍ । କିନ୍ତୁ ଯେତେବେଳେ ସେମାନେ ପରସ୍ପର ମଧ୍ୟର ଯୁକ୍ତିତର୍କ କରିବାକୁ ଲାଗିଲେ ସେତେବେଳେ ଆଁହଜରତ ସ.ଅ ସେମାନଙ୍କୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଲେ । ତେଣୁ ଆଁହଜରତ ସ.ଅ କହିଲେ ମୋ ନିକଟରୁ ଚାଲିଯାଅ । ତହିଁରୁ ଏହା ପ୍ରତିତ ହୁଏ ଯେ, ଆଁହଜରତ ସ.ଅଙ୍କୁ ଏଭଳି ରୋଗାବସ୍ଥାରେ ମଧ୍ୟ ପବିତ୍ର ଧର୍ମଗ୍ରନ୍ଥ ପ୍ରତି ସମ୍ମାନ ଜଣାଉଥିଲେ ଏବଂ ଏତେ ବ୍ୟଗ୍ର ଥିଲେ ଯାହାର ବର୍ଣ୍ଣନା କରିବା ଅସମ୍ଭବ ଅଟେ । ତେଣୁ ଏହି ଅଧୀର ପରିସ୍ଥିତି ସତ୍ତ୍ୱେ ହ. ଉମର୍ ର.ଅଙ୍କ କଥା ଶୁଣିବା ପରେ ପରେ କାଗଜ କଲମ ମଗେଇବା ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ । ଆଁହଜରତ ସ.ଅ ଉକ୍ତ ଘଟଣା ପରେ ମଧ୍ୟ କିଛି ଦିନ ପର୍ଯ୍ୟନ୍ତ ଜୀବିତ ରହିଲେ ଏବଂ ସେଦିନ ଆଉ କିଛି ଓସିୟତ୍ ମଧ୍ୟ କରିଥିଲେ । କିନ୍ତୁ କାଗଜ କଲମର ଆଉ ପୁନର୍ବାର ଅଭିଳାଷା କଲେ ନାହିଁ । ଅର୍ଥାତ କାଗଜ କଲମ କଥା ଆଉ ଉଠାଇଲେ ନାହିଁ ।

ଯେତେବେଳେ ହଜୁର୍ ସ.ଅଙ୍କର ଅକାଳ ବିୟୋଗ ହେଲା ସେତେବେଳେ ହ. ଉମର୍ ର.ଅ ଏହି ଖବର ଶୁଣି ଛିଡ଼ା ହୋଇ ପଡ଼ିଲେ ଏବଂ କହିବାକୁ ଲାଗିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆଁହଜରତ ସ.ଅ ମୃତ୍ୟୁବରଣ କରି ନାହାନ୍ତି ।

ହ. ଉମର୍ ର.ଅ କହୁଥିଲେ ଯେ, ମୋ ମନରେ ଏହି କଥା ଆସିଥିଲା ଯେ, ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଅବଶ୍ୟ ଉଠାଇବେ କିନ୍ତୁ କେତେକ ଲୋକଙ୍କର ହାତଗୋଡ଼ କାଟି ଦିଅନ୍ତୁ । ହ. ଅବୁ ବକ୍କର ର.ଅ ସନାଅ ଠାରେ ଥିଲେ । ସନାଅ ମଦିନା ଠାରୁ ଦୁଇ ମାଇଲ୍ ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନର ନାମ । ହ. ଅବୁ ବକ୍କର୍ ର.ଅ ଠିକ୍ ଏହି ସମୟରେ ଆସି ଉପସ୍ଥିତ ହେଲେ ଏବଂ ଆଁହଜରତ ସ.ଅଙ୍କ ମୁଖମଣ୍ଡଳରୁ କପଡ଼ା ହଟାଇଲେ ଏବଂ ଆପଣ ସ.ଅଙ୍କୁ ଚୁମ୍ବନ ଦେଲେ । ଲୋକମାନଙ୍କ ପାଖକୁ ଆସି କହିବାକୁ ଲାଗିଲେ ଯେ, ହେ ଶପଥକାରୀ ରହିଯା ! ଅର୍ଥାତ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ସମ୍ବୋଧିତ କରି କହିଲେ ଏବଂ କହିଲେ ହେ ଶପଥକାରୀ ରହିଯା ! ସୁତରାଂ ହ. ଅବୁ ବକ୍କର ଯେତେବେଳେ ନିଜର ଅଭିଭାଷଣ ଆରମ୍ଭ କଲେ ସେତେବେଳେ ହ. ଉମର୍ ର.ଅ ବସି ପଡ଼ିଲେ । ହ. ଅବୁ ବକ୍କର୍ ର.ଅ ଅଲ୍ଲାଃତାଲାଙ୍କ ମହିମା ଗାନ କରି କହିଲେ ଯେ, **ଇଲ୍ଲା ମନ୍ କାନା ୟାବୁଦୁ ମୁହମ୍ମଦୁନ୍ ସ.ଅ ଫାଇନ୍ନା ମୁହମ୍ମଦୁନ୍ କଦ୍ ମାତା ୱମିନ୍ କାନା ୟାବୁଦୁଲ୍ଲାଃ ଫାଇନ୍ନଲ୍ଲାଃ ହଇୟୁନ୍ ଲା ୟମୁତୁ ।** ଅର୍ଥାତ ଦେଖ ! ଯିଏ  ମୁହମ୍ମଦ୍ ସ.ଅଙ୍କର ଉପାସନା କରୁଥିଲା ସେ ଶୁଣିନେଉ ! ମୁହମ୍ମଦ୍ ସ.ଅଙ୍କର ନିଃସନ୍ଦେହ ବିୟୋଗ ହୋଇ ଯାଇଛି କିନ୍ତୁ ଯିଏ ଅଲ୍ଲାଃତାଲାଙ୍କର ଉପାସନା କରୁଥିଲା ସେ ଏକଥା ମନେରଖୁ ! ଅଲ୍ଲାଃତାଲା ଚୀରଞ୍ଜିବୀ ଅଟନ୍ତି ଏବଂ ତାଙ୍କୁ କେବେ ମୃତ୍ୟୁ ଆସିବ ନାହିଁ । ଏହାପରେ ହ. ଅବୁ ବକ୍କର୍ ର.ଅ ଏହି ଆୟତ୍ ଆବୃତ୍ତି କଲେ ଯେ, **ଇନ୍ନକା ମଇେତୁନ୍ ୱ ଇନ୍ନହୁମ୍ ମଇୟେତୁନ୍ ।** ଅର୍ଥାତ୍ ତୁମେ ମଧ୍ୟ ଦିନେ ମୃତ୍ୟୁବରଣ କରିବ ଓ ସେମାନେ ମଧ୍ୟ ମୃତ୍ୟୁବରଣ କରିବେ। ପୁନଶ୍ଚ ସେ ଏହି ଆୟତ୍ ଆବୃତ୍ତି କଲେ ଯେ, **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍ଲିହିର୍ ରୁସୁଲ୍ । ଅଫା ଇମ୍ ମାତା ଅଔ କୁତିଲନ୍ କଲବ୍ତୁମ୍ ଅଲା ଆକାବିକୁମବ ୱମନ୍ ୟନ୍‌କଲିବୁ ଅଲା ଅକିବୈହି ଫଲନ୍ ୟଜୁରରୁଲ୍ଲାଃହା ଶୈଆ ୱସୟୟଜିଶ୍ ଶାକିରିନ୍ ।** *ଏବଂ ମୁହମ୍ମଦ୍ ସ.ଅ କେବଳ ଜଣେ ବାର୍ତ୍ତାବହ ଅଟନ୍ତି, ତାହାଙ୍କ ପୂର୍ବରୁ ସମସ୍ତ ରସୁଲ୍ ବା ବାର୍ତ୍ତାବହମାନେ ମୃତ୍ୟୁ ବରଣ କରିସାରିଛନ୍ତି । ସୁତରାଂ ଯଦି ସେ ମୃତ୍ୟୁ ବରଣ କରନ୍ତି କିମ୍ବା ଯଦି ତାହାଙ୍କୁ ହତ୍ୟା କରାଯାଏ ତେବେ କ'ଣ ତୁମେମାନେ ପଶ୍ଚାତ୍‌ପଦ ହୋଇ ଫେରିଯିବ ଅର୍ଥାତ ଧର୍ମରୁ ଓହରିଯିବ ? ଏବଂ ଯେଉଁ ବ୍ୟକ୍ତି ପଶ୍ଚାତ୍‌ପଦ ହୋଇ ଫେରିଯାଏ ସେ ଅଲ୍ଲାଃତାଲାଙ୍କର କଦାପି କୌଣସି କ୍ଷତି କିମ୍ବା ଅନିଷ୍ଟ କରିପାରିବ ନାହିଁ ଏବଂ ଅଲ୍ଲାଃତାଲା କୃତଜ୍ଞମାନଙ୍କୁ ନିଶ୍ଚୟ ଉତ୍ତମ ପ୍ରତିଫଳ ପ୍ରଦାନ କରିବେ ।* ସୁଲୈମାନ୍ କହୁଥିଲେ ଏକଥା ଶୁଣି ଲୋକମାନେ ଏତେ କାନ୍ଦିଲେ ଯେ, ସେମାନଙ୍କ ହିକ୍କା ଉଠିଲା । ହ. ଉମର୍ ର.ଅ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଯେଉଁ ମୁହୂର୍ତ୍ତରେ ହ. ଅବୁ ବକ୍କର୍ ର.ଅଙ୍କ ଠାରୁ ଏହି ଆୟତ୍ ଶୁଣିଲି ସେହି ମୁହୂର୍ତ୍ତରୁ ମୁଁ ଘାବରେଇ ଗଲି ଏବଂ ଭୟଭୀତ ହୋଇ ମୋର ପାଦ ଦ୍ୱୟକୁ ମୁଁ ସମ୍ଭାଳି ପାରିଲି ନାହିଁ ଏବଂ ଭୂମି ଉପରେ ପଡ଼ିଗଲି । ହ. ମସିହ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଅତଏବ ଲୋକମାନେ ଏହି ଆୟତ୍ ସଂପର୍କରେ ଏହା ପୂର୍ବରୁ ଅଜ୍ଞାତ ଥିଲେ । ଅର୍ଥାତ ହ. ଅବୁ ବକ୍କର୍ ର.ଅଙ୍କ ପଢିବା ପରେ ହିଁ ସେମାନଙ୍କୁ ଉକ୍ତ ଆୟତ୍ ସଂପର୍କରେ ଜ୍ଞାତ ହେଲା । ଅତଏବ ଉକ୍ତ ଆୟତ୍‌କୁ ସମସ୍ତ ସାହାବାମାନେ ହ. ଅବୁ ବକ୍କର୍ ର.ଅଙ୍କ ଠାରୁ ସହୃଦୟ ହୋଇ ଗ୍ରହଣ କରିନେଲେ ଏବଂ ଏପରି କୌଣସି ସାହାବି ନଥିଲେ ଯିଏ ଏହି ଆୟତ୍‌କୁ ପଢୁ ନଥିଲେ ।

ହ. ଅବୁ ବକ୍କର ର.ଅଙ୍କ ପବିତ୍ର କୁରଆନ୍‌ରୁ ଏହା ପ୍ରମାଣିତ କରିବା ଯଥାର୍ଥ ନଥିଲା ଯେ, ସମସ୍ତ ନବୀମାନେ ମୃତ୍ୟୁବରଣ କରି ସାରିଛନ୍ତି । ସେହିପରି ଯଦି ଏହା ପ୍ରମାଣିତ କରିବାଟା ସଂପୂର୍ଣ୍ଣ ଏବଂ ସିଦ୍ଧାନ୍ତପୂର୍ଣ୍ଣ ତଥା ଯୁକ୍ତିଯୁକ୍ତ ପ୍ରମାଣ ନଥିଲା ତାହାହେଲେ ସେ କାହିଁକି ସାହାବାମାନଙ୍କ ପରି ଏହି ନବୀମାନଙ୍କୁ ଜୀବିତ ବୋଲି ସ୍ୱୀକାର କରୁଥିଲେ ? ସେହି ଶୋକ ସମୟରେ ପ୍ରାୟ ଏକଲକ୍ଷରୁ ଉର୍ଦ୍ଧ୍ୱ ସାହାବାମାନେ ଉପସ୍ଥିତ ଥିଲେ, ସେମାନେ କାହିଁକି ହ. ଅବୁ ବକ୍କର୍ ର.ଅଙ୍କ ଏହି କାଳ୍ପନିକ ତଥା ସ୍ୱଉପନୀତ ବିଷୟକୁ ଗ୍ରହଣ କରିନେଇଥିଲେ ଏବଂ ସେମାନେ କାହିଁକି କୌଣସି ଦଲିଲ୍ ଉପସ୍ଥାପିତ କଲେ ନାହିଁ । ସେମାନ ହ. ଅବୁ ବକ୍କର୍ ର.ଅଙ୍କୁ ଏହା କହି ଥାଆନ୍ତେ ଯେ, ହେ ଅବୁ ବକ୍କର୍ ! ଆପଣଙ୍କ ଦଲିଲ୍‌ଟି ଅସଂପୂର୍ଣ୍ଣ ଅଟେ ଏବଂ କୌଣସି ଧର୍ମ ବୈଧାନିକ ପ୍ରମାଣ ଆପଣଙ୍କ ହସ୍ତରେ ନାହିଁ । କ'ଣ ଆପଣମାନେ ଅଦ୍ୟାବଧି ତହିଁରୁ ଅଜ୍ଞାତ ଅଟନ୍ତି ? ଯେ, ପବିତ୍ର କୁରଆନର ହିଁ  ଆୟତ୍ **ୱରାଫିଉକା ଇଲୈୟା**ରେ ହ. ଇସା ଅ.ସ ସଶରୀର ଆକାଶକୁ ଯାଇଥିଲେ ବୋଲି ପବିତ୍ର କୁରଆନରେ ଉଲ୍ଲେଖ ରହିଛି । କ'ଣ ଆପଣ **ବର୍ ରଫଅହୁଲ୍ଲାଃହୁ ଇଲୈହି** ବିଷୟରେ ମଧ୍ୟ ଶୁଣି ନାହାନ୍ତି ? ନା ତାହା ନୁହେଁ। ବରଂ ସମସ୍ତ ସାହାବାମାନେ ପବିତ୍ର କୁରଆନ ସହିତ ଭଲଭାବରେ ଅବଗତ ଥିଲେ । ସେମାନେ ଏହି ଆୟତ୍ ଶୁଣିଲେ ଅର୍ଥାତ **କଦ୍ ଖଲତ୍**ର ଏବଂ ଏହାର ବ୍ୟାଖ୍ୟା **ଅଫାଇମ୍ ମାତା ଅଉ କୁତିଲା**ରେ ପାଇ ଶୀଘ୍ରାତିଶୀଘ୍ର ନିଜର ପୂର୍ବ ଧାରଣାକୁ ପରିତ୍ୟାଗ କରିଦେଲେ । କାରଣ ସେମାନଙ୍କ ହୃଦୟ ସେତେବେଳେ ଆଁହଜରତ ସ.ଅଙ୍କର ଅକାଳ ବିୟୋଗ ଯୋଗୁଁ ଅତ୍ୟନ୍ତ ମର୍ମାହତ ଓ ଦୁଃଖରେ ଭାଙ୍ଗି ପଡ଼ିଥିଲା ଏବଂ ସେମାନଙ୍କ ପ୍ରାଣପିଣ୍ଡ ରୁଦ୍ଧ ହୋଇଯାଇଥିଲା । ଯେତେବେଳେ ସେମାନେ ଉକ୍ତ

ଆୟତ୍ ଉପରେ ଚିନ୍ତା ତଥା ଅନୁଶୀଳନ କଲେ ସେତେବେଳେ ସେମାନେ ଏହା ବୁଝିପାରିଲେ ଯେ, ସମସ୍ତ ବିଗତ ଅବତାରମାନେ ମୃତ୍ୟୁବରଣ କରିସାରିଛନ୍ତି ।

ପୁନଶ୍ଚ ଅନ୍ୟ ଏକ ଅବସରରେ ହ. ମସିହ୍ ମଉଦ ଅ.ସ କହନ୍ତି: ଅଲ୍ଲାଃତାଲା ଅଶେଷ ଅଶେଷ ପ୍ରତିଫଳ ହ. ଅବୁ ବକ୍କର୍ ର.ଅଙ୍କୁ ପ୍ରଦାନ କରନ୍ତୁ ଯେ, ସେ ଖୁବ ଶୀଘ୍ର ଏହି ଉପଦ୍ରବକୁ ପଣ୍ଡ କରିଥିଲେ ଏବଂ ଧର୍ମ ବିଧାନକୁ ଉପସ୍ଥାପିତ କରି କହିଲେ ଯେ, ସମସ୍ତ ନବୀଙ୍କର ମୃତ୍ୟୁ ଘଟି ସାରିଛି । ସୁତରାଂ ଏଠାରେ ଯଦି '**ଖଲତ୍**' ଶବ୍ଦର ଅର୍ଥ ଏହା କରାଯାଏ ଯେ, କେତେକ ନବୀମାନେ ବର୍ତ୍ତମାନ ସୁଦ୍ଧା ଆକାଶରେ ଜୀବିତ ବସିଛନ୍ତି ତାହାହେଲେ ଏହି ସୁରତ୍‌ରେ ହ. ଉମର୍ ର.ଅ ନ୍ୟାୟରେ ଥିଲେ ଏବଂ ଆୟତ୍ ତାଙ୍କ ପକ୍ଷେ କୌଣସି କ୍ଷତିକାରକ ନଥିଲା ବରଂ ତାଙ୍କୁ ସମର୍ଥନ ଜଣାଉଥିଲା । '**ଖଲତ୍**'ର ଦୁଇ ପ୍ରକାର ଅର୍ଥ ମଧ୍ୟରେ ସୀମାବଦ୍ଧ ରହିଛି । **ହତ୍‌ଫା ଅନ୍‌ଫା**ରୁ ଯଥାର୍ଥ ପ୍ରାକୃତିକ ମୃତ୍ୟୁ କିମ୍ବା ନିହତ ହେବାକୁ ବୁଝାଏ ।

ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍‌ରେ ଅନ୍‌ସାର୍‌ମାନେ ବନୀ ସାଆଦାଙ୍କ ଘରେ ହ. ସାଆଦ୍ ବିନ୍ ଉବାଦାଙ୍କ ନିକଟରେ ଏକତ୍ରିତ ହେଲେ ଏବଂ କହିବାକୁ ଲାଗିଲେ ଯେ, ଆମମାନଙ୍କ ମଧ୍ୟରୁ ଜଣେ ଅମୀର ହେଉ ଏବଂ ତୁମମାନଙ୍କ ମଧ୍ୟରୁ ଜଣେ ଅମୀର୍ ହେଉ । ହ. ଅବୁ ବକ୍କର୍ ଓ ହ. ଉମର୍ ବିନ୍ ଖତ୍ତାବ୍ ର.ଅ ତଥା ହ. ଅବୁ ଉବୈଦା ବିନ୍ ଜର୍‌ରାହ୍ ର.ଅ ସେମାନଙ୍କ ନିକଟକୁ ଗଲେ । ଏହାପରେ ହ. ଅବୁ ବକ୍କର୍ ର.ଅ ଭାଷଣ ଦେଲେ ଏବଂ ଏଭଳି ଭାଷଣ ଦେଲେ ଯାହାକି ତାଙ୍କ ଉଚ୍ଚ କୋଟିର କଳାତ୍ମକତା ଓ ଦକ୍ଷତା ଠାରୁ ଅଧିକ ଉଚ୍ଚତର ଥିଲା । ସେ ନିଜର ଅଭିଭାଷଣ ଦେବା ସମୟରେ କହିଲେ ଆମେ ଅମୀର ଅଟୁ ଏବଂ ତୁମେ ମନ୍ତ୍ରୀ ଅଟ । କାରଣ କୁରୈଶ୍‌ମାନେ ସମଗ୍ର ଆରବରେ ପଦ ତଥା ମର୍ଯ୍ୟାଦାରେ ସର୍ବୋତ୍ତମ ଏବଂ ସର୍ବପୁରାତନ ସଭ୍ୟତା ବିଶିଷ୍ଟ ଗୋଷ୍ଠୀ ଅଟନ୍ତି । ଅତଏବ ଉମର୍ କିମ୍ବା ଅବୁ ଉବୈଦାଙ୍କର ବୈଅତ୍ କର । ହ. ଉମର୍ ର.ଅ ଅବୁ ବକ୍କର୍ ର.ଅଙ୍କୁ କହିଲେ ନାହିଁ ଆମେମାନେ ତ' ଆପଣଙ୍କ ହସ୍ତରେ ହିଁ ବୈଅତ୍ କରିବୁ । କାରଣ ଆପଣ ହିଁ ଆମର ଅଧିପତି ଅଟନ୍ତି ଏବଂ ଆମ ଅପେକ୍ଷା ଆପଣ ସର୍ବୋତ୍ତମ ତଥା ସର୍ବୋତ୍କୃଷ୍ଟ ବ୍ୟକ୍ତି ଅଟନ୍ତି । ଆପଣ ଆମମାନଙ୍କ ଅପେକ୍ଷା ରସୁଲ କରୀମ୍ ସ.ଅଙ୍କର ଅତି ପ୍ରିୟ ବ୍ୟକ୍ତି ଥିଲେ । ଏହା କହି ହ. ଉମର୍ ର.ଅ ହ. ଅବୁ ବକ୍କର୍ ସ.ଅଙ୍କର ହସ୍ତ ଧରିଲେ ଏବଂ ତାଙ୍କର ହସ୍ତରେ ବୈଅତ୍ କଲେ ଏବଂ ଲୋକମାନେ ମଧ୍ୟ ହ. ଅବୁ ବକ୍କର୍ ର.ଅଙ୍କ ହସ୍ତରେ ବୈଅତ୍ କଲେ ।

ଯେତେବେଳେ ଆଁହଜରତ ସ.ଅଙ୍କର ଅକାଳ ବିୟୋଗ ହେଲା ଏବଂ ହ. ଅବୁ ବକ୍କର୍ ର.ଅ ଖଲିଫା ରୂପେ ନିର୍ବାଚିତ ହେଲେ ସେତେବେଳେ ଆରବୀୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଧର୍ମରୁ ଓହରିବା ପାଇଁ ଇଚ୍ଛୁକ ଥିଲେ ସେମାନେ ଧର୍ମରୁ ଓହରିଗଲେ । ଅତ ହ. ଉମର୍ ବିନ୍ ଖତ୍ତାବ୍ ର.ଅ ହ. ଅବୁ ବକ୍କର ର.ଅଙ୍କୁ କହିଲେ ଯେ, ହେ ଅବୁ ବକ୍କର୍ ର.ଅ ଆପଣ ଲୋକମାନଙ୍କ ସହିତ କିପରି ଲଢ଼ିବେ । ଉମର୍ ବିନ୍ ଖତ୍ତାବ୍ ର.ଅ କହନ୍ତି ଯେ, ଅଲ୍ଲାଃତାଲା ହ. ଅବୁ ବକ୍କର୍ ର.ଅଙ୍କ ସକାଶେ ନିଜର ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି । ଅତଏବ୍ ମୁଁ ଏହା ବୁଝିନେଲେ ଯେ, ଏହା ନ୍ୟାୟ ଓ ସତ୍ୟ ଅଟେ ।

ୟମାମା ଯୁଦ୍ଧରେ ଯେତେବେଳେ ୭୦ ଜଣ ହୁଫ୍ଫାଜ୍‌ମାନଙ୍କୁ ଶହୀଦ୍ କରି ଦିଆଗଲା, ସେତେବେଳେ ହ. ଉମର୍ ର.ଅ ହିଁ ହ. ଅବୁ ବକ୍କର୍ ର.ଅଙ୍କୁ ପବିତ୍ର କୁରଆନ୍ କରୀମ୍ ଏକତ୍ରୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା ହେବ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

.....................................

KHULASA KHUTBA JUMA HUZOOR ANWAR a.b.a

11th June 2021